‘ଭାରତଲୀଳା’ - ଏହିପରି କେତେ ଲୀଳା ଶିଖିଲେ । ସେହି ଲୀଳା ଭିତରେ ନୀଳମାଷ୍ଟରାଣୀର ଜୀବନଲୀଳା ଆରମ୍ଭହେଲା । ଭାରତଲୀଳାରେ ଯେ ଅର୍ଜ୍ଜୁନ ହେଲା, ସେ ହେଉଚି ଦୁଇଟି ଗାଁର ସେବାୟତ ମଦନ ଶେଠି, ଯାହାର କି ତୃତୀୟ ଗାଁରେ ଘର । ମଦନା ଲାଖବିନ୍ଧା ଲୀଳାରେ ଅର୍ଜ୍ଜୁନ ହୋଇ ଯେତେବେଳେ ଦ୍ରୌପଦୀ ସ୍ୱୟଂବରରେ ମାଛ ଆଖିକୁ ଶର ବିନ୍ଧିଲା, ସେହି ଶର ଯାଇ ହୃଦୟଚକ୍ର ତଳେ ତଳେ ଅତି ଗୋପନରେ ନୀଳମାଷ୍ଟରାଣୀ ଆଖିରେ ବାଜିଲା । ମାନସ-ଚକ୍ଷୁରେ ଏ ଦୃଶ୍ୟ ଦେଖି ସେହି ଯୁବତୀ ସେହିପରି ମୁହଁ ପୋତି ବଡ଼ ଛଟପଟ ହେଲା । ଦେଖିଲା - ମଦନା ଶେଠିର ଶର ନୀଳମାଷ୍ଟରାଣୀକି ଅନ୍ଧ କରିଦେଲା । ନୀଳମାଷ୍ଟରାଣୀ ଆଖି ଥାଇ ଅନ୍ଧ ହୋଇ ଦ୍ରୌପଦୀ ବେଶରେ ତା’ ସଙ୍ଗେ ସଙ୍ଗେ ଚାଲିଗଲା । ତାର ଶିକ୍ଷାକତା ଗଲା, ତାର ଭ୍ରାତୃସ୍ନେହ ଗଲା, ତାର ସମାଜବନ୍ଧନ ଗଲା । ସେ ଲୋକାପବାଦକୁ ଡରିଲା ନାହିଁ; ସମାଜର ବନ୍ଧନକୁ ମାନିଲା ନାହିଁ, ଗାଁବାଲାଙ୍କ କଥା ଶୁଣିଲା ନାହିଁ । ନିଜର ପିତୃପିତାମହଙ୍କ କୁଟୀର ଛାଡ଼ି ସମାଜର ସକଳ ମମତା ହରାଇ ଚାଲିଗଲା ମଦନା ସାଙ୍ଗରେ ।

ଓହୋ, କି ଦାରୁଣ ଦୃଶ୍ୟ ! ମାସ ଦୁଇଟା ନୀଳମାଷ୍ଟରାଣୀ ମଦନା ଘରେ ବୋହୂ ହୋଇ ରହିଲା । ତା’ ପରେ ଆସିଲା ଭୀଷଣ ପରିସ୍ଥିତି । ନାଟ ଆଖଡ଼ା ଭାଜିଗଲା । ଅର୍ଜ୍ଜୁନଙ୍କ ଲାଖବିନ୍ଧା ସରିଗଲା । ନୀଳମାଷ୍ଟରାଣୀର ଦ୍ରୌପଦୀ ବେଶ ଲୁଚିଗଲା । ମଦନା ଖାଇଲା ମଦ । ନୀଳମାଷ୍ଟରାଣୀ ମନାକଲା । ତା’ ପରେ ଝଗଡ଼ା, ତା’ ପରେ ଅଭାବ, ତା’ ପରେ ଲୁଗାବୁଜୁଳା କାନ୍ଧରେ ପକାଇ ନୀଳମାଷ୍ଟରାଣୀ ଚାଲିଲା ଧୋବଣୀ ବେଶରେ ପୋଖରୀତୁଠକୁ । ଲଜ୍ଜା ଅପମାନ ତା’ ମୁଣ୍ଡ ଉପରେ ଏତେ ଭାର ଦେଲେ ଯେ, ପିଠିରେ ମଇଳା ଲୁଗାର ଭାର ନ ଥାଇ ମଧ୍ୟ ସେ ସବୁବେଳେ ମୁଣ୍ଡପୋତି ରହିଲା । ଯୁବତୀ ଏତିକିବେଳେ ମଇଳା ଲୁଗା ଭିତରୁ ମୁହଁ ଟେକି କାତର ଭାବରେ କାହାର ଆଶ୍ରୟ ନେବ ବିଚାରି ଉଠି ବସି ଦେଖେ ତ, ସେ ହେଉଛି ସେହି ଅତୀତର ନୀଳମାଷ୍ଟରାଣୀ । ସେ ହେଉଛି ଆର ଗାଁର ମାତୃହୀନ ଦୁଇଟି ଶିଶୁ ଭିତରୁ ଗୋଟିଏ, ଯେ କି ଖୁବ୍ ଦୂରକୁ ଚାଲିଯାଇଛି ।

ସେହି ପୂର୍ବର ନୀଳମାଷ୍ଟରାଣୀ ଓ ଏବର ନୀଳଧୋବଣୀ ମଇଳା ଲୁଗା ଭିତରେ ପଡ଼ିରହି କ’ଣ ଭାବୁ ଭାବୁ ବେଳ ବୁଡ଼ି ରାତି ହେଲା । ରାତି ଦୁଇପହରକୁ ଗଡ଼ିଲାପରେ ପଡ଼ିଶାଘରେ ପାଟିତୁଣ୍ଡ ଶୁଭିଲା । ନୀଳଧୋବଣୀ ପାଗଳିନୀ ପରି ଦୁଆର ଫିଟାଇ ପଡ଼ିଶାଘରେ ପଶି କହିପକାଇଲା - “ଯାହା ଆଣିଚ, ଦିଅ ମୋତେ ଚାଖିବାକୁ । ମୋ ଭାଇର ପରା ଭୋଜିଘର ? ମୁଁ ସେଠି ଥିଲେ ପରା ତୁମକୁ ଦେଇଥାନ୍ତି ଭୋଜି, ତୁମକୁ ଦେଇଥାନ୍ତି ଅଇଣ୍ଠା ଭାତ-ତରକାରି । ମୋତେ ତୁମେ ଦେବନାହିଁ ?” ପଡ଼ିଶାଘରର ବୋହୂଏ ମୁଣ୍ଡ ପୋତି ରହି ଭାବିଲେ - ନୀଳମାଷ୍ଟରାଣୀ ଆହୁରି ଧୋବଣୀ ହୋଇନାହିଁ ?

ସେ ଦିନ ଗଲା । ଭାଇର ଭୋଜିଘର କଥା ଭାବି ଭାବି ‘ନୀଳମାଷ୍ଟରାଣୀ’ ତା ଆରଦିନ ତୋଠକୁ ଗଲାନାହିଁ । ଭାଉଜର ବଉଳପାଟ ପଡ଼ିଶାଘରର ବୋହୂ କାଚି କରି ଦେବାକୁ ଆଣିଥିଲା । ନୀଳମାଷ୍ଟରାଣୀ କାକୁତିମିନତି ହୋଇ କହିଲା- “ମୁଁ କାଚିଦେବି ଲୋ, କାଚିଦେବି ! ମୋ ଭାଉଜର ବଉଳପାଟ ମୋତେ ଦିଅ, ମୁଁ ଧୋଇଆଣିବି ।” ସେଇଆ ହେଲା । ନୀଳମାଷ୍ଟରାଣୀ ବଉଳପାଟକୁ ଧୋଇଆଣି ଆଉ ପଡ଼ିଶାଘରକୁ ଫେରାଇଲା ନାହିଁ । ତାଗିଦ ଆସିଲା ଆର ଗାଁରୁ । ବଉଳପାଟ ଫେରାଇଲେ ତେଣେ ସେ ଘରେ ଶୁଭକାର୍ଯ୍ୟ ବଢ଼ିବ; କିନ୍ତୁ ଫେରାଇବ କିଏ ? ତାହା ଯେ ନୀଳମାଷ୍ଟରାଣୀ ହାତରେ ! ଶୁଣାଗଲା - ନୀଳମାଷ୍ଟରାଣୀ କହୁଛି, ଭାଇ ନ ଆସିଲେ ଫେରାଇବନାହିଁ ।

